# କନଷ୍ଟେବଲ ପାସିଙ୍ଗ ଆଉଟ୍ ପ୍ୟାରେଡ



ଝାରସୁଗୁଡା,(ସବ୍ୟୁ): ସ୍ଥାନୀୟ ୨ୟ ଓ.ଏସ୍. ଏପି. ପ୍ୟାରେଡ ପଡିଆରେ ମଙ୍ଗଳବାର ପ୍ରଥମ କନେଷ୍ଟବଲ ସିଭିଲର ପାସିଙ୍ଗ ଆଉଟ୍ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏସ.ଏ.ପି) ଆର.ପି. କୋଚେ ଅଭିବାଦନ ଗହଣ କରିଥିଲେ । ୨ୟ ଓଏସ୍ଏପି ବାଟାଲିୟନଠାରେ ଗତ୨୯ମେରୁ ଓଡିଶାର ସମ୍ବଲପୁର, ରାୟଗଡା, ଭଦ୍ରକ, ମୟୁରଭଚଂ, ସୁନ୍ଦରଗଡ, କେନ୍ଦୁଝର, ଯାଜପୁର ୮ଟି ଜିଲ୍ଲାର ଜୋନ (୧)ର ୯୮୧ ଜଣ କନେଷ୍ଟବଲ ପ୍ରାଥମିକ ଶିକ୍ଷା ସମାପ୍ତ କରିଛନ୍ତି । ଶିକ୍ଷା ସମୟରେ ଆଇନର ପ୍ରାଥମିକ ଶିକ୍ଷା,ସମାଜରେ ପୋଲିସର ବ୍ୟବହାର ଆଦି ବିଭିନ୍ନ ଉପାଦେୟତା ଶିକ୍ଷା ପ୍ରଦାନ କରାଯାଇଛି । ଏହି ଦିକ୍ଷାନ୍ତ ପ୍ୟାରେଡରେ ଆଇଜି ହିମାଂଶୁ ଲାଲ ସମ୍ବଲପୁର ଏସପି ମୁକେଶ କୁମାର ଭାମୁ, ରାଉଲକେଲା ୪ର୍ଥ ଓଏସ୍ଏପିର ଦୁର୍ଗପତି ପ୍ରମୋଦ କୁମାର ଜେନା, ବୁଲ୍ଲା ବିଟିଆଇ ର ଦୁର୍ଗପତି ଲଛମନ ସିଂ, ଦେଓଗଡ ୪ର୍ଥ ଆଇ ଆର.ବି ର ଦୁର୍ଗପତି ଏସ.ପି ତମାଙ୍ଗ ୨ୟ ଓ.ଏସ୍. ଏପି ର ଦୁର୍ଗପତି ଦାୟିତ୍ୱରେ ଥିବା ଉପ-ଦୁର୍ଗପତି ଭବାନି ଶଙ୍କର ସେଠ,ସହ- ଦୁର୍ଗପତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶିକ୍ଷଣର ଫାଇନାଲ ହୋଇଥିବା ପରୀକ୍ଷାରେ ଇନଡୋରରେ ଭଦ୍ରକର ଦିପକ କୁମାର ସାହୁ ପ୍ରଥମ ,ଆଉଟଡୋର ପରିକ୍ଷାରେ କେନ୍ଦୁଝରର ଲିଙ୍ଗରାଜ ମହାନନ୍ଦ, ପ୍ରଥମ,ସର୍ବଶ୍ରେଷ୍ଠ ଶୃଙ୍ଗଳିତ ଭାବରେ ସୁନ୍ଦରଗଡର ସ୍ୱାଗତ ପଟେଲ,ଦକ୍ଷ ଶିକ୍ଷାବିତ ଭାବରେ ସମ୍ବଲପୁରର ସରୋଜ କୁମାର ସାହୁ, ଇନଡୋର ଏବଂ ଆଉଟଡୋର ପରିକ୍ଷା ରେ କେନ୍ଦୁଝର ର ଲିଙ୍କରାଜ ସାହୁ ପ୍ରଥମ ସ୍ଥାନ ପାଇ ପୁରସ୍କୃତ ହୋଇ ଥିଲେ। ଶିକ୍ଷାବିତ୍ ମାନଙ୍କ ଦ୍ୱାରା ବିଭିନ୍ନ ଶାରୀରିକ କାର୍ଯ୍ୟକ୍ରମ ପ୍ରଦଶିତ ହୋଇଥିଲା।

# ଫୋର୍ବସ୍ ଶକ୍ତିଶାଳୀ ମହିଳା ମାତିଲଦାଙ୍କୁ ଭେଟିଲେ ରାଜ୍ୟପାଳ



ସୁନ୍ଦରଗଡ଼,(ସବ୍ୟୁ): ରାଜ୍ୟପାଳ ରଘୁବର ଦାସ ସୋମବାର ଦେଶର ସମ୍ମାନଜନକ ଫୋର୍ବସ୍ ଇଣ୍ଡିଆ ଶକ୍ତିଶାଳୀ ମହିଳା ତାଲିକାରେ ସ୍ଥାନ ପାଇଥିବା ସୁନ୍ଦରଗଡ଼ର ମାତିଲଦା କୁଲୁଙ୍କୁ ଭେଟିଛନ୍ତି । ସୁନ୍ଦରଗଡ଼ ଗସ୍ତରେ ଆସିଥିବା ଅବସରରେ ସେ ଅଚାନକ ବଡ଼ଗାଁ ବ୍ଲକ୍ ଗରଗଡ଼ବାହାଲସ୍ଥ ତାଙ୍କ ଘରକୁ ଯାଇ ୧୫ ମିନିଟ୍ ବିତାଇଛନ୍ତି । ମିଳିଥିବା ସୂଚନା ଅନୁସାରେ ରାଜ୍ୟପାଳଙ୍କ ସୁନ୍ଦରଗଡ଼ ଗସ୍ତସୂଚୀରେ ମାତିଲଦାଙ୍କୁ ଭେଟିବା କାର୍ଯ୍ୟକ୍ରମ ନଥିଲା। ସକାଳେ ବିଭିନ୍ନ ଅଙ୍ଗନବାଡ଼ିକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହ ଆଲୋଚନା କଲାବେଳେ ଆଶାକର୍ମୀ ମାତିଲଦାଙ୍କ ଉଦାହରଣ ଦେଇଥିଲେ । ଏହାପରେ ରାଜ୍ୟପାଳ ହଠାତ୍ ମାତିଲଦାଙ୍କୁ ଘରକୁ ଯାଇ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ଅପରାହ୍ନ ୪ଟା ୨୦ ମିନିଟ୍ ସମୟରେ ତାଙ୍କ ଘରେ ପହଞ୍ଚିଥିଲେ । ଅଚାନକ ରାଜ୍ୟପାଳଙ୍କୁ ଦେଖି ମାତିଲଦା ଆଶ୍ଚର୍ଯ୍ୟ ହୋଇଯିବା ସହିତ ଆଦିବାସୀ ପରମ୍ପରା ଅନୁଯାୟୀ ସ୍ୱାଗତ କରିଥିଲେ । ପରେ ମାତିଲଦାଙ୍କ ହାତ ତିଆରି ଚା ପିଇଥିଲେ ରାଜ୍ୟପାଳ ଶ୍ରୀ ଦାସ । ତାଙ୍କ ସେବା ଓ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ମାତିଲଦା ଶୋଚନୀୟ ସ୍ଥିତିରେ ଥିବା କର୍ମକ୍ଷେତ୍ର ଜରକା ଓ ଗରଗଡ଼ବାହାଲପଡ଼ା ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିଥିଲେ । ରାଜ୍ୟପାଳ ସେଠାରେ ଉପସ୍ଥିତ ଥିବା ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗାଭାଲିଙ୍କୁ ରାସ୍ତା କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟପାଳଙ୍କୁ ଭେଟିବା ସମୟରେ ସ୍ୱାମୀ ଅନିଲ କୁଲୁ, ଦୁଇ ପୁଅଝିଅ ଅଭିଜିତ, ମନୀଷା ଓ ବଡ଼ଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁଲାରି ସୋରେଙ୍ଗ, ସରପଞ୍ଚ ଗୋବର୍ଦ୍ଧନ ହାହା ପ୍ରମୁଖ ଉପସ୍ଥିତ ଥିଲେ । ଗତ ୧୭ ବର୍ଷ ଧରି ଜିଲ୍ଲାର ବଡ଼ଗାଁ ତହସିଲ ଗରଗଡ଼ବାହାଲ ଗାଁ'ର ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିବା ୪୫ ବର୍ଷୀୟା ମାତିଲଦା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବା ଓ ଅଞ୍ଚଳରୁ ଅନ୍ଧବିଶ୍ୱାସ ସହ ଜାତିବାଦ, ଅସ୍ପୃଶ୍ୟତା ପରି ଘୃଣ୍ୟ ପ୍ରଥାକୁ ଦୂର କରିବା ପାଇଁ ଅକ୍ଲାନ୍ତ ଉଦ୍ୟମ ଜାରି ରଖିଛନ୍ତି । ଏହାସହ ଆଗ ଧାଡ଼ିର କୋଭିଡ୍ ଯୋଦ୍ଧା ଭାବେ ମହାମାରୀ କରୋନାର ମୁକାବିଲାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ୨୦୨୧ରେ ସମ୍ମାନଜନକ ଫୋର୍ବସ୍ ଇଣ୍ଡିଆ ଶକ୍ତିଶାଳୀ ମହିଳା ତାଲିକାରେ ସ୍ଥାନ ମିଳିଥିଲା ।

# ବିଜେଡ଼ିର ଅଭିଯୋଗ, କଂଗ୍ରେସର ପଲଟା ଜବାବ

ବଲାଙ୍ଗିର,(ସବ୍ୟୁ): ୨୦୧୪ ମସିହାରୁ ୨୦୨୪ ମଧ୍ୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ବିଧାୟକ କାଳରେ ବଲାଙ୍ଗିରରେ ହୋଇଥିବା ବିକାଶରେ ସ୍ଥାନୀୟ ସରକାରୀ ଦଳର ରାଜନେତା ଇର୍ଷାନ୍ୱିତ ବୋଲି ବିଜେଡ଼ିର ଅଭିଯୋଗ ଉପରେ ଜବାବ ରଖିଛି କଂଗ୍ରେସ । ଏନେଇ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ପ୍ରଶ୍ନ କରିଛନ୍ତି । ବିଜୁ ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ମୁତାବକ ତାର ଉତ୍ତରରେ ସେ କହିଛନ୍ତି ଯେ ଗତ ୧୦ ବର୍ଷର ବିକାଶଧାରାକୁ ଦେଖି ସରକାରୀ ଦଳରେ ଥିବା ରାଜ ପରିବାର ଡରି ଗଲେଣି । ବଲାଙ୍ଗିର ବିଧାୟକ ପ୍ରଚେଷ୍ଟାରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଆମେ କରୁଛୁଁ ବୋଲି କହିବା ଅତି ନିର୍ଲଜ ହେଲେ ହେଁ ଜଣେ ଏପରି କହେ ବୋଲି ସେ କହିଛନ୍ତି । ସେହି ମର୍ମରେ ସେ କହିଛନ୍ତି ଯେ ଭୀମଡୁଙ୍ଗୁରି ପର୍ଯ୍ୟଟନ ସ୍ଥଳି ଯଦି ରାଜ ପରିବାର ପ୍ରଚେଷ୍ଟାରେ ହେଇଛି ତେବେ ପୂର୍ବତନ ସାଂସଦ ଭୀମଡୁଙ୍ଗୁରି ପୋଖରୀରେ ତାଲା ଦିଆଯାଇଥିବା ଡଙ୍ଗାରେ ବିନା ଅଧିକାରୀରେ କାହିଁକି ଫଟୋ ଉଠାଇ ଛାଡିଲେ । ୯୦ ଦଶକରେ ଆରମ୍ଭ ହୋଇଥିବା ଆର.ଏନ୍ ସିଂଦେଓ ସ୍ପୋର୍ଟ କମ୍ପ୍ଲେକ୍ସ ୩୦ ବର୍ଷ ପରେ ମଧ ସମ୍ପୂର୍ଣ୍ଣ ହୋଇନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ମିଶ୍ର । ସ୍ଥାନୀୟ ସରକାରୀ ଦଳ ପୂର୍ବତନ ସାଂସଦମାନଙ୍କର ଅଦୁରଦର୍ଶୀତା ଓ ଅପାରଗତା ଯୋଗୁଁ ତାଙ୍କ ସମୟରେ ସହରର ବିଭିନ୍ନ ଜାଗାରେ ନିର୍ମାଣ ହୋଇଥିବା ବସଷ୍ଟପ, ୱାଟର ଏଟିଏମ ତଥା ଯୁବକମାନଙ୍କୁ ଭୁଆଁ ବୁଲାଇଥିବା ଡୁଷୁରା ପାଇଲଟ ଟ୍ରେନିଂ ସେଣ୍ଟର କେଉଁ ଜାଗାରେ ଅଛି ବଲାଙ୍ଗିରବାସୀଙ୍କୁ ଦେଖାଇପାରିବେ କି ବୋଲି ସମରେନ୍ଦ୍ର ପ୍ରଶ୍ନ କରିଛନ୍ତି। ନରସିଂହ ମିଶ୍ର ବିଜୟୀ ହେବା ପରେ ବଲାଙ୍ଗିରର କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ରୋଡ ରାସ୍ତା, ପର୍ଯ୍ୟଟନ, ଶିକ୍ଷା ଭିତ୍ତିଭୂମି ପ୍ରତ୍ୟେକ କ୍ଷେତ୍ରରେ ହୋଇଥିବା ବିକାଶକୁ ସ୍ଥାନୀୟ ସରକାରୀ ଦଳର ରାଜପରିବାରର ନେତାମାନେ ସହ୍ୟ କରିପାରୁନାହାନ୍ତି ବୋଲି ଶ୍ରୀ ପଲଟା ଆକ୍ରମଣ କରିଛନ୍ତି।

# ଘୁନ୍ଟୁଟିପଡା ବିସ୍ଥାପିତଙ୍କୁ ଭେଟିଲେ ବିଧାୟକ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘୁନ୍ଟୁଟିପଡା ବିସ୍ଥାପିତ ମାନେ ଧାରଣାରେ ବସିଛନ୍ତି । ଦୀର୍ଘ ୩୫ଦିନ ହେବ ସେମାନେ ବସିଥିବାବେଳେ ମଙ୍ଗଳବାର ରେଢାଖୋଲ ବିଧାୟକ ଇଂ. ରୋହିତ ପୁଜାରୀ ସେମାନଙ୍କୁ ଭେଟିବା ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମସ୍ୟାର ସମାଧାନ ପାଇଁ ଏକ ବାଟ ଖୋଲିବାକୁ ମଧ୍ୟ ଅନୁରୋଧ କରିଥିଲେ । ଅନ୍ୟପଟେ ସରକାର କ୍ଷତିପୂରଣ ଓ ଥଇଥାନ କ୍ଷେତ୍ରରେ ପାତରଅନ୍ତର କରିଥିବା ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଥିଲେ । ଏଭଳିସ୍ଥଳେ ସେମାନେ ଗତ ୧୦ଜାନୁଆରୀରୁ ଧାରଣାରେ ବସିଥିବା କହିଥିଲେ । ଆଗକୁ ସମସ୍ୟାର ସମାଧାନ ସହ ସମାନ କ୍ଷତିପୂରଣ ନମିଳିଲେ ଆନ୍ଦୋଳନ ଦୁର୍ବାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# ପିଟିପିଟି ଯୁବକଙ୍କୁ ହତ୍ୟା ଦୁଇ ଅଭିଯୁକ୍ତ ଅଟକ

ରାଉରକେଲା,(ସବ୍ୟୁ) : ସୋମବାର ବିଳମ୍ବିତ ରାତିରେ ରାଉରକେଲା ବନ୍ଧମୁଣ୍ଡା ଏ ସେକ୍ଟର ରେଲୱେ କ୍ୱାର୍ଟସରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ଜଣେ ଯୁବକଙ୍କୁ ଦୁଇ ଅସାମାଜିକ ଯୁବକ ଲୁହା ଛଡ଼ରେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଛନ୍ତି । ମୃତକ ହେଲେ ଅମର ତନ୍ତୀ (୨୨) । ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ବନ୍ଧମୁଣ୍ଡା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲକୁ ପଠାଇଛି । ହତ୍ୟା ମାମଲା ରୁଜୁ କରିବା ସହ ପୁଲିସ ଦୁଇ ଜଣଙ୍କୁ ଥାନାରେ ଅଟକ ରଖିଛି। ସୂଚନା ମୁତାବକ ବନ୍ଧମୁଣ୍ଡା ଏ ସେକ୍ଟରରେ ରହୁଥିବା ପରିବାର ଅମରଙ୍କୁ ଘରର ଚାବି ଦେଇ ଗାଁକୁ ଯାଇଥିଲେ । ଅମର କ୍ୱାର୍ଟସକୁ ଦେଖାରେଖା କରିବା ସହ ରାତିରେ ରହୁଥିଲେ । ସୋମବାର ବିଳମ୍ବିତ ରାତିରେ କିଛି ଯୁବକ କ୍ୱାର୍ଟସରେ ପଶି ଅମରଙ୍କୁ ଲୁହାଛଡ଼ରେ ପ୍ରାଣାନ୍ତକ ଆକ୍ରମଣ କରିଥିଲେ । ଅମର ବେହୋସ ହୋଇ ପଡ଼ିଯିବା ପରେ ଯୁବକମାନେ ସେଠାରୁ ଫେରାର ହୋଇ ଯାଇଥିଲେ । ସ୍ଥାନୀୟ ଲୋକ ଓ ପୁଲିସ ପହଞ୍ଚି ଅମରଙ୍କୁ ରେଳବାଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସିସିଏଫ୍ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରର କଲେଜଛକ ସ୍ଥିତ ସିସିଏଫ୍ଏ ପକ୍ଷରୁ ଦ୍ୱିତୀୟ ସିସିଏଫ୍ଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି । ସିସିଏଫ୍ଏ ସଭାପତି ସୁରେନ୍ଦ୍ର ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବଲାଙ୍ଗିର ସାଂସଦ ତଥା ରାଜ୍ୟ ହାଇସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ତଥା ଫାଓ ଓଡିଶା ସଭାପତି ଡ. ଶ୍ରୀକର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଦଳ ୨-୧ ଗୋଲରେ ବରଗଡ ୟୁନାଇଟେଡ୍ ଦଳକୁ ହରାଇ ବିଜୟୀ ହୋଇଥିଲେ । ଶଶିକାନ୍ତ ଦାସିଆ (ବୌଦ୍ଧ), ଶୁଶାନ୍ତ ନାଗ, ଜଳନ୍ଧର ସାହୁ ଓ ଜିତୁ ଦଳାଇ ଖେଳକୁ ପରିଚାଳନା କରିଥିଲେ । ସୁଦୟ ବାରିକ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ । ଜିଲ୍ଲା କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ, ପ୍ରଦୀପ ମହାରଣା ଓ ଦିଲିପ ସେଠ ମଞ୍ଚାସୀନ ଥିଲେ । କ୍ଲବର ପୁରାତନ ଖେଳାଳି ମହାବୀର ତାଣ୍ଡି, ନବୀନ ସାଗର, ଉମେଶ ନାଗ ଓ ଅସିମ ପାଲଙ୍କୁ ମୁଖ୍ୟ ଅତିଥି ଶ୍ରୀ ସିଂଦେଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସିସିଏଫ୍ଏ କ୍ଲବର ଉପ-ସଭାପତି ଗମନିଏଲ ନାଗ, ସଂପାଦକ ହେମନ୍ତ କୁମାର ବେହେରା, ଯୁଗ୍ମ ସଂପାଦକ ସରଜୁ ନାଗ, ଶୋଭନ କୁମାର ଦାଶ, ପରିଚାଳନା କମିଟି ସଦସ୍ୟ ସାନ୍ତନୁ ନାଗ, ପୃଥେଶ୍ୱର ନାଗ, ବରିଷ୍ଠ ସଦସ୍ୟ ଶ୍ରୀଧର ସେଠ, ବିରେନ୍ଦ୍ର ସୁନା, ସୁବୋଧ ବାଗ, ପ୍ରଦ୍ୟୁମ୍ନ ନନ୍ଦ, ଜିବନ ସୁନା, ରାଜକିଶୋର ବାଗ ପ୍ରମୁଖ ସଭ୍ୟବୃନ୍ଦ ସହଯୋଗ କରିଥିଲେ । ବୁଧବାର ବିଏନ୍ଏଏ ଜରାସିଂହା ଓ ସିସିଏଫ୍ଏ ବଲାଙ୍ଗିର ଦଳ ମଧ୍ୟରେ ଖେଳ ହେବ ବୋଲି ଆୟୋଜନ କମିଟି ସଂପାଦକ ହେମନ୍ତ କୁମାର ବେହେରା ସୂଚନା ଦେଇଛନ୍ତି ।

# ବେଲପଡାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜଣ ଅଭିଯୋଗ ଶୁଣାଣି ଶିବିର ବେଲପଡା ବ୍ଲକ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି । ଅଭିଯୋଗ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଉପ ଜିଲ୍ଲାପାଳ ଅମିତ ନାୟକ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ବଲାଙ୍ଗିର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ବିଡିଓ ,ତହସିଲଦାର ମାନେ ଉପସ୍ଥିତ ଥିଲେ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ସମୁଦାୟ ୫୯ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୪୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୧୯ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । କୌଣସି ଅଭିଯୋଗ ଶୁଣାଣି ତତକ୍ଷଣାତ ଫଇସଲା ହେଇନ ଥିବା ବେଳେ ଅଭିଯୋଗ ଗୁଡିକର ଶୁଣାଣି ଯଥାଶୀଘ୍ର ସମାଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡେପୁଟି କଲେକ୍ଟର ସଚିଦାନନ୍ଦ ମିଶ୍ର , ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ , ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁବେର ଚନ୍ଦ୍ର ମହନ୍ତ, ବେଲପଡା ବିଡିଓ ରାଜେଶ ମେହେର, ତହସିଲଦାର ବନବିହାରୀ ହରପାଳ , ଏସଡିପିଓ ସଦାନନ୍ଦ ପୂଜାରୀ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା , ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, କିଲଟାରୀର ସ୍ନିଗଧା ରାଣୀ ତ୍ରିପାଠୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଭିନ୍ନକ୍ଷମ ବାଳକ ଖେତ୍ରୁ ବରଲେନ୍ଦିଆଙ୍କୁ ଉଚ୍ଚଶିକ୍ଷା ପାଇଁ ଲାପଟପ ପ୍ରଦାନ କରାଯାଇଥିଲା ।

# ବୌଦ୍ଧରେ ୬୮୪୧ ଛାତ୍ରଛାତ୍ରୀ ଦେବେ ମାଟ୍ରିକ ପରୀକ୍ଷା

ବୌଦ୍ଧ,(ସବ୍ୟୁ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫେବୃଆରୀ ୨୦ ତାରିଖରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲୁରହିଛି । ଚଳିତ ବର୍ଷ ବୌଦ୍ଧଜିଲ୍ଲାରେ ୬୮୪୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ । ଜିଲ୍ଲାର ୩୨ଟି କେନ୍ଦ୍ରରେ ସମସ୍ତ ପରୀକ୍ଷା ଅନୁଷ୍ଠିତ ହେବ । ସେଥିମଧ୍ୟରୁ ୩୧ଟି କେନ୍ଦ୍ରରେ ରେଗୁଲାର ପରୀକ୍ଷା ହେବାକୁ ଥିବା ବେଳେ ଗୋଟିଏ କେନ୍ଦ୍ର ଜେବି ହାଇସ୍କୁଲରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପରୀକ୍ଷା ଅନୁଷ୍ଠିତ ହେବ । ଚଳିତ ବର୍ଷ ରେଗୁଲାରରେ ୬୭୩୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ଏକ୍ସ ରେଗୁଲାର ପରୀକ୍ଷାରେ ଜଣେ ମାତ୍ର ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଅଧିନରେ ୧୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରୀକ୍ଷାକୁ ସୁ ପରିଚାଳନା କରିବା ପାଇଁ ବୌଦ୍ଧ ଯୋଗୀନ୍ଦ୍ର ଦେବ ହାଇସ୍କୁଲ, ହରଭଙ୍ଗା ବ୍ଲକର ପୁରୁଣାକଟକ ହାଇସ୍କୁଲ ଓ କଣ୍ଟାମାଳ ବ୍ଲକର କଣ୍ଟାମାଳ ହାଇସ୍କୁଲକୁ ନାଡାଲ କେନ୍ଦ୍ର କରାଯାଇଛି । ପରୀକ୍ଷା ପରିଚାଳନା ପାଇଁ ୩୨ ଜଣ ସୁପରିଟେଣ୍ଟ ଓ ୩୨ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯିବ ବୋଲି ଜଣାପଡିଛି ।

# ସଦାପାଲିରେ ଜଳସଙ୍କଟ, ପୋଖରୀ ପାଣି ଏକମାତ୍ର ଭରସା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଡଙ୍ଗରପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସଦାପାଲି ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି । ଗ୍ରାମରେ ଏକମାତ୍ର ନଳକୂପ ଥିବାବେଳେ ତାହା ଆବଶ୍ୟକତାକୁ ପୂରଣ କରିପାରୁନାହିଁ । ଏଭଳିସ୍ଥଳେ ଗ୍ରାମବାସୀ ମାନେ ଅପରିଷ୍କାର ପୋଖରୀ ଜଳ ସିଧାସଳଖ ବ୍ୟବହାର କରୁଛନ୍ତି । ଫଳରେ ବିଭିନ୍ନ ରୋଗ ଓ ସସସ୍ୟା ଦେଖାଯାଉଛି । ଏହାର ସମାଧାନ ପାଇଁ ବାରମ୍ବାର ଦାବି କରାଯାଉଛି । ମାତ୍ର କୌଣସି ସୁଫଳ ମିଳୁନାହିଁ । ସୂଚନାଯୋଗ୍ୟ, ସଦାପାଲି ଗ୍ରାମ ପ୍ରାୟ ୭୦୦ଜନସଂଖ୍ୟା ବିଶିଷ୍ଟ ଅଟେ । ଘରକୁ ଘର ପାଇପ ସଂଯୋଗ ହୋଇଛି । ମାତ୍ର ପାଣି ପହଞ୍ଚି ପାରୁନାହିଁ । ଗୋଟିଏ ମାତ୍ର ନଳକୂପ ସଚଳ ଥିବାବେଳେ ୨ଟି ନଳକୂପ ଅଚଳ ହୋଇ ପଡିଛି । ତେଣୁ ଗାଁର ମହିଳାମାନେ ପୋଖରୀ ଜଳକୁ ବାଧ୍ୟ ହୋଇ ବ୍ୟବହାର କରୁଛନ୍ତି । ଏହା ଜଣାପଡିବା ପରେ ବିଜେପି ନେତା ଡ. ପ୍ରମୋଦ କୁମାର ରଥ ଗାଁରେ ପହଞ୍ଚି ପାନୀୟ ଜଳ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଗାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁଚିତ୍ର କୁମାର ମହାନ୍ତିଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରିଥିଲେ । ତେବେ ଖୁବ୍‌ଶୀଘ୍ର ନଳକୂପ ମରାମତି ସହ ଜଳଯୋଗାଣ ସ୍ୱାଭାବିକ କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

# ହାତୀ ଶାବକର ସନ୍ଦେହଜନକ ମୃତ୍ୟୁ

ରାଉରକେଲା,(ସବ୍ୟୁ): ସୁନ୍ଦରଗଡ ଜିଲ୍ଲା କୋଇଡ଼ା ରେଞ୍ଜ ଗଣୁଆ ଫରେଷ୍ଟ ମାଳଦା ଗ୍ରାମ ନିକଟ ସାଗୁଆନ ଜଙ୍ଗଲରେ ଛୁଆ ହାତୀର ମୃତ ଦେହ। ହାତୀ ଶାବକର ଦୁଇ ଦିନ ପୂର୍ବରୁ ଜନ୍ମ ହୋଇଥିବା ଅନୁମାନ କରୁଛି ବନ ବିଭାଗ । କେଉଁ କାରଣ ଯୋଗୁଁ ଶାବକ ହାତୀର ମୃତ୍ୟୁ ହେଲା ତାହା ସନ୍ଦେହଜନକ । ଅଧିକ ତଦନ୍ତ ପାଇଁ ରାଉରକେଲା ଆରସିସିଏଫ, ବଣାଇ ଡିଏଫଓ ଏବଂ କୋଇଡା ରେଞ୍ଜର ଘଟଣା ସ୍ଥଳରେ ପହଁଚିଛନ୍ତି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ମା ହାତୀ ଗର୍ଭପାତ କରିଥିବା ପାରିପାର୍ଶିକ ସ୍ଥିତିରୁ ଅନୁମାନ କରାଯାଉଛି ।

**ଅଲ୍ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ପୁରୁଷରୁ ସମ୍ବଲପୁର ଓ ମହିଳାରୁ ଦେବଗଡ଼ ଦଳ ଫାଇନାଲରେ



କନ୍ଧମାଳ,(ସବ୍ୟୁ): କନ୍ଧମାଳ ଆଥଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ କଲେଜ ଖେଳ ପଡିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ପଞ୍ଚମ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଖେଳ ସମ୍ବଲପୁର ଓ ବଲାଙ୍ଗିର (ପୁରୁଷ ) ଦଳ ମଧ୍ୟରେ ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନଥିଲେ । ପରେ ଟ୍ରାଇବେକର ଜରିଆରେ ସମ୍ବଲପୁର ଦଳ ବଲାଙ୍ଗିର କୁ ୫-୪ ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଛି । ସେହିପରି ମହିଳା ମ୍ୟାଚ ରେ ମନୋରମା କ୍ଲବ ଦେବଗଡ଼ ଓ ବୀରମହାରାଜପୁର ଦଳ ମଧ୍ୟରେ ହୋଇଥିଲା । ଏଥିରେ ଦେବଗଡ଼ ଦଳ ୧-୦ଗୋଲରେ ବୀରମହାରାଜପୁରକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଖେଳରେ ଅତିଥିଭାବେ ବିଜେଡି ରାଜ୍ୟ ଉପସଭାପତି ସୁଧିର ମହାକୁଡ଼, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ଅବସରପ୍ରାପ୍ତ ଖେଳ ନିରୀକ୍ଷକ ବୀରେନ୍ଦ୍ର କୁମାର ସାହୁ ଆଦି ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମନୋଜ ଶର୍ମା ଓ ସୁଦାମ ମିଶ୍ର ଖେଳର ଧାରା ବିବରଣୀ ଓ ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, , ସଦାଶିବ ମହାନନ୍ଦ ଓ ସୁଜିତ ଖଟୁଆ ମ୍ୟାଚ ରେଫରୀ ଭାବେ , ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଭାବେ ସହଯୋଗ କରିଥିଲେ । ବୁଧବାର ମନୋରମା କ୍ଲବ ଦେବଗଡ଼ ଓ ଟିଟିଲାଗଡ଼ ମହିଳା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।

# ବିଜେଡିର ବିକାଶରେ ବିରୋଧୀ ଛାନିଆଁ



ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ସମ୍ବାଦିକ ଭବନରେ ଜିଲ୍ଲା ବିଜେଡ଼ି କାର୍ଯ୍ୟକାରି ସଭାପତି ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୨୦୦୦ ମସିହାରୁ ୨୦୨୪ ପର୍ଯ୍ୟନ୍ତ ବିଜେଡିଦଳ ଜିଲ୍ଲାର ଅନେକ ବିକାଶ ପ୍ରକଳ୍ପକୁ ସଫଳ କରାଯାଇ ପାରିଛି । ସେଥି ମଧ୍ୟରେ ବଲାଙ୍ଗିରର ଲୋୟରସୁକତେଲ ପ୍ରକଳ୍ପକାମ, ମେଡିକାଲ କଲେଜ ଓ ହସପିଟାଲ, ଏମ୍.ସି.ଏଚ୍ ବିଲ୍ଡିଂ, ଇଣ୍ଡୋରଷ୍ଟାଡିୟମ, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ବଲାଙ୍ଗିରକୁ ତେଲନଦୀରୁ ପାନୀୟଜଳ ପ୍ରକଳ୍ପ, ବାଇପାସ ରୋଡ ଓ ବ୍ରିଜ, ସ୍କୁଲକଲେଜ, ଖେଳପଡିଆ, ବଲାଙ୍ଗିରର ମନ୍ଦିରଗୁଡିକର ଉନ୍ନତିକରଣ ଆଦି କରିଥିବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା । ଅନଙ୍ଗ ଉଦୟ ସିଂଦେଓ ବଲାଙ୍ଗିରର ବିଧାୟକ ତଥା ରାଜ୍ୟର ମନ୍ତ୍ରୀଥିବା ବେଳେ ୨୦୦୧ ମସିହାରେ ଲୋୟରସୁକତେଲ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିଲେ । ୨୦୦୯ ମସିହାରୁ ୨୦୧୯ ମସିହା ପର୍ଯ୍ୟନ୍ତ କଳିକେଶ ନାରାୟଣ ସିଂଦେଓ ସାଂସଦ ଥିବା ସମୟରେ ଦୁଇଥର ଲୋୟରସୁକତେଲ ପ୍ରକଳ୍ପର ଅଟକଳକୁ କେନ୍ଦ୍ରରୁ ଅନୁମୋଦନ କରାଇଥିଲେ । କିନ୍ତୁ ଏଠାକାର ବିରୋଧୀ ଦଳ ମାନେ କେବଳ ଶ୍ରେୟ ନେଉଛନ୍ତି ବୋଲି ଅଭିଯୋଗ କରାଯାଇଛି । ବଲାଙ୍ଗିରରେ ସରକାରୀ ମେଡିକାଲ କଲେଜ ଅନଙ୍ଗ ଉଦୟ ଓ କଳିକେଶ ନାରାୟଣଙ୍କ ଉଦ୍ୟମରେ ହୋଇଥିବା ଦାବି କରିଛି ବିଜେଡ଼ି । ଏହା ସହିତ ମେଡିକାଲ କଲେଜ ନିର୍ମାଣ ହେବା ସମୟରେ ତତକାଳୀନ ରାଜ୍ୟସଭା ସାଂସଦ ଅନଙ୍ଗଉଦୟ ସିଂଦେଓ ଏକ ଟିଚିଂ ହସପିଟାଲର ପ୍ରସ୍ତାବ ଦେଇଥିଲେ ଏବେ ଯାହା ସରିବାକୁ ଯାଉଛି । ତାହାର ମଧ ବିରୋଧି ଶ୍ରେୟନେବାକୁ ବସୁଛନ୍ତି । କେବଳ ସେତିକି ନୁହେଁ ବଲାଙ୍ଗିର ସହରରେ ଯେତେବେଳେ ପାନୀୟଜଳର ସଂକଟ ହୋଇଥିଲା ତାହାର ପ୍ରତିକାର ପାଇଁ ଅନଙ୍ଗଉଦୟ ସିଂଦେଓ ନିଜେ ବ୍ୟକ୍ତିଗତ ଭାବରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଭୁବନେଶ୍ୱରରେ ଏକ ବୈଠକ କରାଇ ତେଲନଦୀରୁ ପାନୀୟଜଳ ଆଣିବା ପାଇଁ ୬୦କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଇଥିଲେ । ଯାହାକି ବଲାଙ୍ଗିର ସହରରେ ଜଳସମସ୍ୟାକୁ ଅନେକ ପରିମାଣରେ ସମାଧାନ କରାଯାଇ ପାରିଛି ବୋଲି କହିଛି ବିଜେଡ଼ି । ବଲାଙ୍ଗିର ସହରରେ ଏକ ଉନ୍ନତ ବସଟର୍ମିନାଲ, ସ୍ମାର୍ଟପାର୍କ, ଦେଓଗାଁର ଭୀମପାହାଡ ପର୍ଯ୍ୟଟନସ୍ଥଳୀ ଇତ୍ୟାଦିକୁ ଦେଖିଲେ ବିରୋଧି ଛାନିଆଁ ହୋଇଯାଉଛନ୍ତି । ବଲାଙ୍ଗିର ନିର୍ବାଚନମଣ୍ଡଳିରେ ଇତି ମଧ୍ୟରେ ଶହଶହ ସଂଖ୍ୟାରେ ରାସ୍ତା, ବ୍ରିଜ, ପାନୀୟଜଳ ପ୍ରକଳ୍ପ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ ହୋଇସାରିଛି । ଅନେକ ସ୍କୁଲ କଲେଜ ଓ ମନ୍ଦିରରର ରୂପାନ୍ତରଣ କରାଯାଇ ଉନ୍ନତିକରଣ କରାଯାଇଛି । ବିକାଶ ପଥରେ ବଲାଙ୍ଗିର ଚାଲିଥିବା ବେଳେ ବିରୋଧି ଏହାକୁ ନିଜେ କରାଇଥିବା କହି ରାଜନୈତିକ ଫାଇଦା ନେବାକୁ ଚାହୁଁଛନ୍ତି । ବିଜେଡିର ଏହି ବିକାଶ କାମରେ ବିରୋଧି ଛାନିଆଁ ହୋଇଯାଇଛନ୍ତି ବୋଲି ଅନୁମାନ କରାଯାଉଛି । ତେଣୁ ସେହି ବିକାଶମୂଳକ କାମକୁ ନିଜେ କରାଇଥିବା କହି ହୋର୍ଡିଂ ଓ ପୋଷ୍ଟର ଛାପୁଛନ୍ତି ବୋଲି ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଅଶୋକ ମହାନ୍ତି ଅଭିଯୋଗ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଜିଲ୍ଲା-ପରିଷଦ ଅଧ୍ୟକ୍ଷ୍ୟା ଦେବକୀ ସାହୁ, ବଲାଙ୍ଗିର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ପ୍ରଦ୍ୟୁତ ମିଶ୍ର, ଯୁବ ସଭାପତି ରାଜେନ୍ଦ୍ର ହୋତା,ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର, ମହିଳା ସଭାପତି ଦମୟନ୍ତି ବାଗ, ଛାତ୍ର ସଭାପତି ସୁମନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ ।

# ସ୍ଥାୟୀ ଜମିପଟ୍ଟା ଦିଅ, ନଚେତ୍ ଭୋଟ ବର୍ଜନ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୪୦ନମ୍ବର ୱାର୍ଡର ବାସିନ୍ଦା ମାନେ ସ୍ଥାୟୀ ଜମିପଟ୍ଟା ପ୍ରଦାନ ଦାବିରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ସେମାନଙ୍କ ଦୀର୍ଘଦିନରେ ଦାବି ଉପସ୍ଥାପନ କରିଥିଲେ । ଦାବି ପୂରଣ ନହେଲେ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଦୀର୍ଘବର୍ଷ ହେବ ରାସନପୁର ମୌଜାର ମିର୍ଗାମୁଣ୍ଡା, ଟୁରୀପଡା, ରାସନପୁର ଓ ମୁଣ୍ଡାପଡାରେ ପ୍ରାୟ ୨ହଜାର୫୦୦ ଭୂମିହୀନ ଲୋକ ବସବାସ କରୁଛନ୍ତି । ସେମାନେ ଆଦିବାସୀ, ହରିଜନ ଓ ଦିନ ମଜୁରିଆ ଅଟନ୍ତି । ତେବେ ସ୍ଥାୟୀ ଜମିପଟ୍ଟା ନଥିବାରୁ ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ସେମାନେ ବଞ୍ଚିତ ହେଉଛନ୍ତି । ସ୍ଥାୟୀ ଘରବାରି ପଟ୍ଟା ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାରେ ଘର ଖଣ୍ଡିଏ ମଧ୍ୟ ପାଇପାରୁ ନାହାଁନ୍ତି । ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ଦିଲ୍ଲୀପ ଧୁରିଆ, ବିଜେଡି ମାନେଶ୍ୱର ବ୍ଲକ ସଭାପତି ଗୋପିରଞ୍ଜନ ବେହେରା, ବିଣାପାଣି ବେହେରା, କୈଳାଶ ମିର୍ଦ୍ଧା, ବିକାଶ ପୁରୋହିତ, ଗୁଡୁ ବଡପଣ୍ଡା, ଜକି ଛୁରିଆ ଓ ସମାଜସେବୀ କିରନ ଜୟପୁରିଆ ପ୍ରମୁଖ ଦାବି କରିଛନ୍ତି ।

# ଉପାନ୍ତ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ବିଡ଼ିଓ

କୋକସରା,(ସବ୍ୟୁ): କୋକସରା ବ୍ଲକର ଆମପାଣି ପଞ୍ଚାୟତର ସାହାଜଖୋଲ ଜଙ୍ଗଲ ମଧରେ ରହିଥିବା ଉପାନ୍ତ ଅଞ୍ଚଳର ବିରିମୁହାଣ ଓ କୁଟୁରୁ ଗାଁରେ ମଙ୍ଗଳବାର କୋକସରା ବିଡ଼ିଓ ସ୍ନେହାପ୍ରଭା ମାଝୀ ଓ ଅଧିକାରୀ ମାନେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ଫେରିଛନ୍ତି। ବିଡ଼ିଓ ସ୍ନେହପ୍ରଭା ମାଝୀ ବିରିମୁହାଣ ଗାଁରେ ପହଞ୍ଚି ଜଙ୍ଗଲ ଅଧିକାର ଗ୍ରାମ୍ୟ କମିଟି ସଦସ୍ୟ ମାନେ ପୂର୍ବରୁ ଦେଇଥିବା ଗ୍ରାମ୍ୟ ଜଙ୍ଗଲ କମିଟି ପୁନର୍ଗଠନ ପାଇଁ ବ୍ଲକ ପ୍ରଶାସନ ନିକଟରେ ଗତ ଜାନୁଆରୀ ମାସରେ ଅଭିଯୋଗ ଉପରେ ତଦନ୍ତ ଓ ଆଲୋଚନା କରିବା ପରେ ବିରିମୁହାଣ ପ୍ରାଥମିକ ବିଦ୍ୟାଳୟରେ ଆଗକୁ ହେବାକୁ ଥିବା ନିର୍ବାଚନ ପାଇଁ ଭୋଟଦାନ କେନ୍ଦ୍ରର ଭିତ୍ତିଭୂମି ପରିଦର୍ଶନ କରିଥିଲେ । ପରେ କୁଟୁରୁ ଗାଁରେ ପହଞ୍ଚି ପ୍ରାଥମିକ ବିଦ୍ୟାଳୟରେ ଥିବା ସମ୍ବେଦନଶୀଳ ବୁଥର ତଦାରଖ କରିଥିଲେ । କୁଟୁରୁ ଗ୍ରାମର ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ କୁଟୁରୁରେ ଥିବା ଭୋଟଦାନ କେନ୍ଦ୍ରରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ସ୍ଥାନୀୟ ଗ୍ରାମବାସୀମାନେ ମୌଳିକ ସମସ୍ୟା ଦାବି ପ୍ରତିବାଦ କରି ଭୋଟ ବର୍ଜନ କରିଥିଲେ। ବିଡ଼ିଓଙ୍କ ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝୀ, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।



# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ବିରୋଧରେ ପ୍ରତିବାଦ



ସମ୍ବଲପୁର,(ସବ୍ୟୁ): ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ ବିରୋଧରେ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପ୍ରତିବାଦ କରିଛି । ଏନେଇ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ ସହ ଘଟଣାରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ମଙ୍ଗଳବାର ରାଜ୍ୟ ସାମ୍ବାଦିକ ସଂଘ ସମ୍ବଲପୁର ଶାଖା ସଭାପତି ରବିନ୍ଦ୍ର ପ୍ରସାଦ ଦାନୀଙ୍କ ନେତୃତ୍ୱରେ ଆରଡିସି, ଆଇଜି, ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଗତ ୯ତାରିଖରେ ସାମ୍ବାଦିକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଦୁର୍ବୃତ୍ତ ମାନେ ଆକ୍ରମଣ କରିଥିଲେ । ସେ ଅଫିସରୁ ନିଜ ବାସଭବନକୁ ଯାଉଥିବା ବେଳେ ୪ଜଣ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ । ଦାବିପତ୍ର ପ୍ରଦାନ ବେଳେ ସାଧାରଣ ସମ୍ପାଦକ ପ୍ରମୋଦ ବହିଦାର, କୋଷାଧ୍ୟକ୍ଷ ଜିତେନ୍ଦ୍ର ମୁହୁଲି, ସମ୍ପାଦକ ସଞ୍ଜିବ ସାହୁ ଓ ଜମନକିରା ବ୍ଲକ ସଭାପତି ସତ୍ୟପ୍ରିୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ହିଣ୍ଡାଲକୋ ପକ୍ଷରୁ ରେମେଡ଼-ହୀରାକୁଦ ରାସ୍ତା ଆଲୋକୀକରଣ ପାଇଁ ଚୁକ୍ତି ସ୍ୱାକ୍ଷରିତ



ସମ୍ବଲପୁର,(ସବ୍ୟୁ): ହିଣ୍ଡାଲକୋ ହୀରାକୁଦ ପରିପାର୍ଶ୍ୱିକ ବିଭାଗ ପକ୍ଷରୁ ଅଞ୍ଚଳର ଉନ୍ନତି କଳ୍ପେ ରେମେଡ଼ -ହୀରାକୁଦ ଅତିରିକ୍ତ ଆଲୋକୀକରଣ ପାଇଁ ପ୍ରୟାସ । ଏହି କ୍ରମରେ ହିଣ୍ଡାଲକୋ ହୀରାକୁଦ ଏବଂ ସମ୍ବଲପୁର ମହାନଗର ନିଗମ ମଧରେ ଏକ ଚୁକ୍ତିନାମା ହିଣ୍ଡାଲକୋ କାର୍ଯ୍ୟାଳୟରେ ସ୍ୱାକ୍ଷରିତ ହୋଇଛି । ମହାନଗର ନିଗମର ଆୟୁକ୍ତ ବେଦଭୂଷଣ ଓ ହିଣ୍ଡାଲକୋର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମଧରେ ମଙ୍ଗଳବାର ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଚୁକ୍ତି ଅନୁସାରେ ହିଣ୍ଡାଲକୋ ହୀରାକୁଦ ମହାନଗର ନିଗମକୁ ୯୯ ଲକ୍ଷ ୩୨ ହଜାର ଟଙ୍କା ପର୍ଯ୍ୟାୟ କ୍ରମେ, ରେମେଡ଼ - ହୀରାକୁଦ ରାସ୍ତାକୁ ଅତିରିକ୍ତ ଆଲୋକ ବ୍ୟବସ୍ଥା କରିବା ପାଇଁ ପ୍ରଦାନ କରିବ । ଚୁକ୍ତି ସ୍ୱାକ୍ଷରିତ ସମୟରେ ସ୍ନେହା ଅରଗୁଲ, ମହାନଗର ନିଗମର ନିର୍ବାହୀ ଯନ୍ତ୍ରୀ (ବୈଦୁତିକ) ଦିବ୍ୟ ରଞ୍ଜନ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ଦେବରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ଯନ୍ତ୍ରୀ ରାଜେଶ କୁମାର ତ୍ରିପାଠୀ, ହିଣ୍ଡାଲକୋର ଓଡିଶା ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ହିଣ୍ଡାଲକୋର ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେ କହିଥିଲେ ଯେ ହୀରାକୁଦ ଅଂଚଳର ଉନ୍ନତି ପାଇଁ ହିଣ୍ଡାଲକୋ ହୀରାକୁଦ ସଦା ଚେଷ୍ଟିତ ।

# ଭୀମ ଭୋଇ ସମାଧୀପୀଠରେ ମାଘ ମେଳା ନେଇ ପ୍ରସ୍ତୁତି ବୈଠକ

ସୋନପୁର,(ସବ୍ୟୁ): ଚଳିତ ବର୍ଷ ମାଘ ମେଳା -୨୦୨୪ର ପ୍ରସ୍ତୁତି ବୈଠକ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୀମ ଭୋଇ ସମାଧୀପୀଠ ଖଲିଆପାଲିରେ ଆୟୋଜିତ ହେବାକୁ ଥିବା ମାଘ ମେଳା ୨୦୨୪ ର ବିସ୍ତୃତ ଆଲୋଚନା କରାଯାଇଥିଲା । ଉପସ୍ଥିତି ଥିବା ବରିଷ୍ଠ ସରକାରୀ ଓ ଅନ୍ୟାନ୍ୟ ସଦସ୍ୟ ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ନିଜ ନିଜର ସୁଚିନ୍ତିତ ମନ୍ତବ୍ୟ ଦେଇଥିଲେ । ଚଳିତ ଫେବୃଆରୀ ୨୧ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମାଘ ମେଳାକୁ ଶାନ୍ତି ଶୃଙ୍ଖଳା ତଥା ସମସ୍ତଙ୍କ ସହଯୋଗରେ ବ୍ୟବସ୍ଥିତ ଭାବେ ଆୟୋଜନ କରାଯିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉପସ୍ଥିତ ସମସ୍ତ ପଦାଧିକାରୀ ତଥା ଟ୍ରଷ୍ଟ ର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଆନ୍ତରିକ ସହଯୋଗ କରିବାକୁ ପରାମର୍ଶ ଦେଇଛନ୍ତି । ସେଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ନିଜର ଦାୟିତ୍ୱ କୁ ମେଳା ପୂର୍ବରୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ ଭାବେ ମେଳା ପରିସର ର ସଫାସୁତରା ସହ ଆବଶ୍ୟକ ମୁତାବକ ଅସ୍ଥାୟୀ ଟୟଲେଟ, ନିୟମିତ ବିଦ୍ୟୁତ ସରବରାହସହ ବିଶେଷ ଆଲୋକୀକରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସମ୍ବର୍ଦ୍ଧନା ସଭା ଆୟୋଜନ, ପାନୀୟ ଜଳ ର ସୁବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପ୍ରଭୃତି ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଉପ-ଜିଲ୍ଲାପାଳ ତଥା ଉପାଧ୍ୟକ୍ଷ, ମେନେଜିଂ ଟ୍ରଷ୍ଟି, ଭୀମ ଭୋଇ ସମାଧୀ ପୀଠ ଟ୍ରଷ୍ଟ ସ୍ୱାଗତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଚୋରି ବାଇକ୍ ଉଦ୍ଧାର, ଚୋର ଗିରଫ

ମୁରିବାହାଲ, (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ସଦର ମହକୁମା ଷ୍ଟେସନ ପଡ଼ାରୁ ଚୋରି ହୋଇଥିବା ଏକ ବାଇକକୁ ପୁଲିସ ଟିଟିଲାଗଡରୁ ଉଦ୍ଧାର କରିଛି । ବାଇକ୍ ଚୋରିରେ ସଂପୃକ୍ତ ଟିଟିଲାଗଡ ସହର ଦେବନ୍ଧ ପଡ଼ାର ମନ ଆଡୟୁଆଡ(୩୭)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମୁରିବାହାଲ ଷ୍ଟେସନପଡ଼ାର ବ୍ୟବସାୟୀ ସୁରେଶ କୁମାର ଶର୍ମାଙ୍କ ଏକ ବାଇକ (ଓଆର ୧୫ ଜେ ୩୪୧୨)ରାତିରେ ଘର ବାହାରେ ଥିବା ବେଳେ ଗତ ୩୧/୦୮/୨୩ ଦିନ ରାତିରେ ଚୋରି ହୋଇଯାଇଥିଲା। ବାଇକ ଚୋରୀ ସମ୍ପର୍କରେ ସୁରେଶ ମୁରିବାହାଲ ଥାନାରେ ୦୧/୦୯/୨୩ ଦିନ ଏକ ଲିଖିତ ଏତଲା ଦେଇଥିଲେ। ପୁଲିସ କେଶ ନ ୧୯୬/୨୩ରୁଜୁ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଛନ୍ତି।

## ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ଉତ୍ସବ

# ସାଂସ୍କୃତିକ ଓ ଶୈକ୍ଷିକ ପରିବର୍ତ୍ତନରେ ଶିଶୁ ମନ୍ଦିରର ଭୂମିକା ମହତ୍ୱପୂର୍ଣ୍ଣ



ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସମାରୋହର ପ୍ରଥମ ଦିବସରେ ସକାଳୁ ଛାତ୍ରଛାତ୍ରୀ, ଅଭିଭାବକ, ଗୁରୁଜୀଗୁରୁମା, ପରିଚାଳନା ସମିତି ଓ ଶୁଭେଚ୍ଛୁଙ୍କୁ ନେଇ ଏକ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହା ପରେ ବିଦ୍ୟାଳୟ ପରିସରରେ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଆୟୋଜନ କରାଯାଇଥିବା ବେଳେ ଯଜ୍ଞକାର୍ଯ୍ୟକୁ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିଚାଳନା କରିଥିଲେ । ସେହିପରି ସଂଧ୍ୟାରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରବୀନ୍ଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବରେ ଲୋକସଭା ସାଂସଦ ବସନ୍ତ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ସଂପାଦକ ରୁଦ୍ରମାଧବ ବାରିକ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ ଉପସ୍ଥିତ ଥିଲେ । ଏହି ଅବସରରେ କେବଳ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ନୁହେଁ ବରଂ ସମାଜରେ ସାଂସ୍କୃତିକ ଓ ଶୈକ୍ଷିକ ପରିବର୍ତ୍ତନ ଆଣିବାରେ ଶିଶୁ ମନ୍ଦିରର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଲଳିତ କୁମାର ସୁନାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରମେଶ ହଂସ ସ୍ୱାଗତ ବକ୍ତବ୍ୟ ଦେଇଥିଲେ । ଗଜେନ୍ଦ୍ର ପଟେଲ ବନ୍ଦନା ଓ ଶିଶୁ ଭଉଣୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ବିଦ୍ୟାଳୟର ସଂପାଦକ ବାମଦେବ ଦାଶ ବିବରଣୀ ପଠନ କରିଥିଲେ । ପରେ ଅତିଥିଙ୍କ ଦ୍ୱାରା ରଜତ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିବା ବେଳେ ଏହାକୁ ବଂଶୀଧର ଜଗତ ପରିଚାଳନା କରିଥିଲେ । ଦୀପକ ସା ଏକକ କଣ୍ଠ ସଂଗୀତ ଗାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିବା ବେଳେ ଏହାକୁ ବିଷ୍ଣୁଶରଣ ହୋତା ପରିଚାଳନା କରିଥିଲେ । ସଭା ପୂର୍ବରୁ ବିଦ୍ୟାଳୟ ପରିସରରେ ସ୍ମୃତି ସ୍ତମ୍ଭ ଓ ନୂତନ ଶ୍ରେଣୀ କକ୍ଷକୁ ଅତିଥିମାନେ ଉଦଘାଟନ କରିଥିଲେ । ଶେଷରେ ସ୍ୱପ୍ନ କୁମାର କାଣ୍ଡ ଧନ୍ୟବାଦ ଦେଇଥିବା ବେଳେ ଅନୁସୟା ମୁଣ୍ଡ ବନ୍ଦେ ମାତରମ୍ ଗାନ କରିଥିଲେ ।

# ଆନ୍ତଃ ସ୍କୁଲ କ୍ରିକେଟ୍ ଲିଟିଲ୍ ଏଞ୍ଜେଲ ସ୍କୁଲ ବିଜୟୀ

ବରଗଡ,(ସବ୍ୟୁ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଓ ବରଗଡ ଜିଲ୍ଲା କ୍ରିକେଟ ଏସୋସିଏସନର ଆୟୋଜନରେ ସ୍ଥାନୀୟ କ୍ରୀଷ୍ଣା ବିକାଶ ସ୍କୁଲ କ୍ରିକେଟ ଗ୍ରାଉଣ୍ଡରେ ମଙ୍ଗଳବାର ବରଗଡ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ଓ ବରପାଲି ଲିଟିଲ୍ ଏଞ୍ଜେଲ ସ୍କୁଲ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସଂସ୍କାର ସ୍କୁଲ ଦଳ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା । ଲିଟିଲ୍ ଏଞ୍ଜେଲ୍ ଦଳ ପ୍ରଥମେ ବ୍ୟାଟିଂ କରି ହିମ୍ନସ ସାହୁଙ୍କ ଧୂଆଁଧାର ୫୯ ରନ , ଜୟ କୁମାର ମେହେରଙ୍କ ୨୫ ରନ, ଆର୍ଯ୍ୟାନ ଥନାପତିଙ୍କ ୨୭ ରନ, ପ୍ରେୟସ ସାହୁଙ୍କ ୧୭ ରନ ଫଳରେ ନିର୍ଦ୍ଧାରିତ ୪୦ ଓଭର ରେ ୧୮୪/୯ ରନ କରିଥିଲେ । ପ୍ରତିପକ୍ଷ ସଂସ୍କାର ସ୍କୁଲ ପକ୍ଷରୁ ମହମ୍ମଦ ରିଜ୍ୱାନ ୩୪/୩ ୱିକେଟ, ଲିପନ ସାହୁ ୩୪/୨ ୱିକେଟ, ୱାର୍ଣର ଶର୍ମା ୪୬/୧ ୱିକେଟ ,ସୌରଭ ସୁନା ୨୪/୧ ୱିକେଟ ନେଇଥିଲେ । ଜବାବରେ ସଂସ୍କାର ସ୍କୁଲ ଦଳ ବ୍ୟାଟିଂ ଆରମ୍ଭ କରି ନିୟମିତ ବ୍ୟବଧାନରେ ୱିକେଟ ହରାଇ ୨୮.୨ ଓଭର ରେ ମାତ୍ର ୯୬ ରନ କରି ସମସ୍ତ ଖେଳାଳୀ ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ସୌରଭ ସୁନା ସର୍ବାଧିକ ୨୪ ରନ କରିଥିବା ବେଳେ ଜୟ କିଶନ ବେହେରା ୧୦ ରନ କରିବାକୁ ସକ୍ଷମ ହୋଇଥିଲେ । ଲିଟିଲ୍ ଇଞ୍ଜେଲ୍ ସ୍କୁଲ ପକ୍ଷରୁ ହିମ୍ନସ ସାହୁ ୧୧/୪ ୱିକେଟ , ଜୟ କୁମାର ମେହେର ୮/୨ ୱିକେଟ, ପ୍ରେୟସ୍ ସାହୁ ୨୧/୧ ୱିକେଟ , ଅନମୋଲ ପାତ୍ର ୧୨/୧ ୱିକେଟ, ଆର୍ଯ୍ୟାନ୍ ଥନାପତି ୧୫/୧ ୱିକେଟ ନେଇଥିଲେ । ମ୍ୟାଚ୍ କୁ ଲିଟିଲ୍ ଇଞ୍ଜେଲ ଦଳ ୮୮ ରନ ରେ ଜିତି ନେଇଥିଲା । ମ୍ୟାଚକୁ ପ୍ରୟାସ ବଗାର ଓ ହନୁ ଅଗ୍ରୱାଲ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ମନୋଜ ପାତ୍ର।

# ରାମଧୂନ୍ କପ୍ ଫୁଟବଲ ସେମିରେ ଜଗା ୟୁନାଇଟେଡ଼

ସୋନପୁର,(ସବ୍ୟୁ): ୧୫ ତମ ଅଲ୍ ଇଣ୍ଡିଆ ରାମଧୁନ୍ କପ୍ ଫୁଟବଲ ଟୁର୍ଣାମେଣ୍ଟରେ ମଙ୍ଗଳବାର ଭୁବନେଶ୍ୱର ଜଗା ୟୁନାଇଟେଡ଼ ଏବଂ କଲିକତା ବେଲଘରିଆ ଆଥଲେଟିକ କ୍ଲବ୍ ମଧରେ ହୋଇଥିଲା । ସୁବର୍ଣ୍ଣପୁର ଏଡିଏମ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ମୁଖ୍ୟ ଅତିଥି ଓ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଯୁବ ସଂଗଠକ ନିଶାନ୍ତ ମହାନ୍ତି, ସୁବ୍ରତ ସେଠୀ,ଟ୍ରାକ୍ଟର ସଂଘ ସଭାପତି ଶିବ ନାରାୟଣ ବହିଦାର, ସମ୍ପାଦକ କୋଶୋଲେଶ୍ୱର୍ ବହିଦାର, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ନିମନ୍ତ୍ରିତ ଅତିଥି ଭାବେ ଭୁବନେଶ୍ୱର ଜଗା ୟୁନାଇଟେଡ଼ ଟିମ୍ ପ୍ରଯୋଜକ ନାଇସେଟ୍ ସଂସ୍ଥା ପ୍ରୋପାଇଟର ରମଣ ପଧାନ,କଲିକତା ଟିମ ପ୍ରଯୋଜକ ବଗଳା ଜ୍ୱେଲର୍ସ ପ୍ରୋପାଇଟର ରୁପେଶ ଅଗ୍ରୱାଲ, ମହାନଦୀ ଧାରା ନିର୍ଦ୍ଦେଶକ ପ୍ଲାବନ ମହାପାତ୍ର, ପ୍ରମୋଦ ମହାନ୍ତି ମ୍ୟାନେଜର ଜ୍ୟୋତି ମୋଟର୍ସ୍ ଭୁବନେଶ୍ୱର, ପୁରୁଷୋତ୍ତମ୍ ପାଣିଗ୍ରାହୀ ଯୋଗ ଦେଇଥିଲେ । କଲିକତା ବେଲଘରିଆ ଆଥଲେଟିକ କ୍ଲବ୍‌କୁ ୨-୦ ଗୋଲରେ ହରାଇ ଭୁବନେଶ୍ୱର ଜଗା ୟୁନାଇଟେଡ଼ କ୍ଲବ ବିଜୟୀ ହୋଇଛି । ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଭୁବନେଶ୍ୱର ଦଳର ଅବିନାଶ ମୁଣ୍ଡାଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମୂଖ୍ୟ ରେଫରି ଭାବେ ଦିଲ୍ଲିପ ରାଉଳ ଖେଳ ପରିଚାଳନା ଓ ପି ଇ ଟି ସଲିଳ ବେହେରା, ସୁଭାସିସ ବେହେରା, ଫୋର୍ଥ ଅଫିସିଆଲ୍ ସଞ୍ଜୀବ ସାହୁ ସହଯୋଗ କରିଥିଲେ । ପ୍ରଭୁ ଦାଶ ଖେଳର ଧାରା ବିବରଣୀ ପ୍ରଦାନ୍ କରିଥିବା ବେଳେ ମିଡ଼ିଆ ସଂଯୋଜାକ ମନୋରଂଜନ ତ୍ରୀପାଠୀ ଅତିଥି ସ୍ୱାଗତ ଓ ସଭା ସଂଯୋଜନା କରିଥିଲେ ।

# ଅଶୋକ ମିଶ୍ର ମେମୋରିଆଲ ଫୁଟବଲ, ଆଦିବାସୀ କ୍ଲବ୍ ବିଜୟୀ



ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା କ୍ରୀଡାସଂଘ ପଡିଆରେ ୨ୟ ବାର୍ଷିକୀ ଅଶୋକ ମିଶ୍ର ମେମୋରିଆଲ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଥିଲା ୩ୟ ଦିବସ । ପ୍ରଗତିକ୍ଲବ ରେଲବାଇ କଲୋନୀ ଓ ଆଦିବାସୀ କ୍ଲବ ଡିପାପଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭର ୧୦ ମିନିଟ ମଧ୍ୟରେ ଆଦିବାସୀ କ୍ଲବ ୩ଟି ଗୋଲ ଦେଇ ଆଗୁଆ ରହିଥିଲା । କିନ୍ତୁ ଖେଳ ଶେଷ ୧୦ ମିନିଟରେ ପ୍ରଗତି କ୍ଲବ ଘନ ଘନ ଆକ୍ରମଣ କରି ଦୁଇଟି ଗୋଲ ପରିଶୋଧ କରିଥିଲେ। ଶେଷରେ ଆଦିବାସୀ କ୍ଲବ ୩-୨ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚକୁ କାର୍ତିକ ଦାସ, ନୀଳ ନାୟକ ,ଚନ୍ଦ୍ର ନାୟକ ଓ ଆର.ସାଏ ପରିଚାଳନା କରିଥିଲେ।

# ଗୋକୁଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ବନ୍ଧୁମିଳନ

କେସିଙ୍ଗା,(ସବ୍ୟୁ): ମହଗାଁର ସୁନାମୁଖି ଶାନ୍ତିବନରେ ଗୋକୁଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ବନ୍ଧୁମିଳନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କୃଷି ସମବାୟ ସମିତିର ସଭାପତି ତଥା କୁଣ୍ଡାବନ୍ଦ ସମିତି ସଭ୍ୟ ମନୋଜ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅଞ୍ଚଳର ଚାଷୀ ମାନେ କିପରି ଆବଶ୍ୟକ ସୁବିଧା ପାଇ ପାରିବେ ସେନେଇ ଆଲୋକପାତ କରିଥିଲେ । ଏହା ସହ କେସିଙ୍ଗା ବ୍ଲକର ଆଦିବାସୀ ଅଧ୍ୟୁସିତ ମହଗାଁରେ ଥିବା ସୁନାମୁଖି ଶାନ୍ତିବନର ଉନ୍ନତି ଦିଗରେ ସରକାର ଗୁରୁତ୍ୱ ଦେଇ ଏହି ସ୍ଥାନକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାପାଇଁ ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିଥିଲେ । ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଦେଓଗାଁ ସରପଞ୍ଚ ଡମ୍ବରୁଧର ପଟ୍ଟନାୟକ, ଗୋକୁଳେଶ୍ୱର ସରପଞ୍ଚ କେଶୁଲାଲ ତାଣ୍ଡି, ଗାଇଗାଁ ସରପଞ୍ଚ ପ୍ରମୋଦ ସାହୁ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କେଶରୀ ଶବର, ବ୍ଲକ ଆଦିବାସୀ ସଙ୍ଘ ସଭାପତି ମୋହନ ଶବର, ସମିତିର ନିର୍ବାହୀ ଅଧିକାରୀ ମୁକୁନ୍ଦ ଶବର, କୃଷି ସମିତିର ସମସ୍ତ ନିର୍ଦ୍ଦେଶକ ଏବଂ ପେକ୍ସ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉପସ୍ଥିତ ବ୍ୟକ୍ତି ମାନେ ସୁନାମୁଖୀ ପରିବେଶରେ ଆକର୍ଷିତ ହୋଇ ଏହା ଉପରେ ସରକାର ଦୃଷ୍ଟି ଆକର୍ଷଣ କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ମତ ପ୍ରକାଶ କରିଥିଲେ ।

## କଂଗ୍ରେସର ଦଳିତ ଜନଜାତି ସମ୍ମିଳନୀ

# ଦଳିତମାନେ ଶିକ୍ଷା, ରୋଜଗାର, ରାଜନୈତିକ ଅଧିକାରରୁ ବଞ୍ଚିତ



ବଲାଙ୍ଗିର,(ସବ୍ୟୁ): ଭୋଟ ଦେବା ଅଧିକାର ଦେଶର ସମ୍ବିଧାନ ଆମକୁ ଦେଇଥିବା ସବୁଠାରୁ ବଡ ଅଧିକାର । ଦଳିତ ଜନଜାତିଙ୍କ ଉତ୍ଥାନ ପାଇଁ ମଧ ସମ୍ବିଧାନ ଅନେକ କିଛି ସାମ୍ବିଧାନିକ ଅଧିକାର ପ୍ରଦାନ କରିଛି । କିନ୍ତୁ ସରକାର ଏକଛତ୍ରବାଦୀ ମନୋଭାବ ପୋଷଣ କରୁଛନ୍ତି ଯେ ସେମାନେ ଏହି ସମ୍ବିଧାନ ପ୍ରଦତ୍ତ ଅଧିକାରକୁ ଦଳିତ ଜନଜାତିମାନଙ୍କ ଠାରୁ ପ୍ରତ୍ୟାହାର କରି ନେଉଛନ୍ତି । ବିଶେଷ କରି ସେମାନେ ଉପଭୋଗ କରୁଥିବା ରାଜନୈତିକ ଅଧିକାର ଯାହା ଦ୍ୱାରା କି ସେମାନେ ଜନପ୍ରତିନିଧି ହେବା ସୁଯୋଗ ପାଉଥିଲେ ସେ ସବୁକୁ ଗତ ପଂଚାୟତ ନିର୍ବାଚନରୁ ବଂଚିତ କରାଯାଇଛି । ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଖଲିଆପାଲି ପଂଚାୟତର ରାନିପାଲିରେ ଦଳିତ ଜନଜାତିଙ୍କ ଏକ ସମ୍ମିଳନୀରେ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ନିଜର ବକ୍ତବ୍ୟରେ କହିଛନ୍ତି । ସମ୍ମିଳନୀରେ ସମରେନ୍ଦ୍ର ଆହୁରି ମଧ କହିଛନ୍ତି ଯେ ବାବା ସାହେବ ଆମ୍ବେଦକର ଚାହିଁଥିଲେ ଏକ ଶ୍ରେଣୀ ବିହିନ ସମାଜ ଗଠନ ପାଇଁ । ସମ୍ବିଧାନ ପ୍ରଣେତା ସଭାରେ ମାଟିର ସନ୍ତାନ ଯୁଧିଷ୍ଠିର ମିଶ୍ର ମଧ ବାବା ସାହେବଙ୍କ ସହ କାମ କରିଥିଲେ । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଦଳ ହିଁ ଦଳିତମାନଙ୍କର ବିକାଶ ର କଥା ଚିନ୍ତା କରିଥାଏ ବୋଲି କହିବା ସହ ଆମେ ସରକାରକୁ ଆସିଲେ ଧାନର ସର୍ବନିମ୍ନ ସହାୟକ ମୁଲ୍ୟ ୩୫୧୬ ଟଙ୍କା, କୃଷି ଋଣ ଛାଡ, ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଋଣ ଛାଡ ତଥା ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ବର୍ତ୍ତମାନ ଠାରୁ ଆହୁରି ବଢାଯିବ ବୋଲି ଗ୍ୟାରେଣ୍ଟି ପ୍ରଦାନ କରିଥିଲେ । ତା ସହ ଦଳିତମାନଙ୍କ କୌଣସି ବି ସମସ୍ୟା ହେଲେ ସେ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବାର ପ୍ରତିଶୃତି ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସିନେ ଅଭିନେତାରୁ ରାଜନେତା ପାଲଟି ଥିବା ତଥା ସଦ୍ୟ କଂଗ୍ରେସ ଦଳରେ ଯୋଗଦାନ କରିଥିବା ମନୋଜ ମିଶ୍ର ନିଜ ଭାଷଣରେ ଦଳିତମାନେ ଶିକ୍ଷିତ ହେଲେ ତାଙ୍କ ଅଧିକାର ଜାଣି ପାରିବେ ଓ ଅଧିକାର ସାବ୍ୟସ୍ତ କରିପାରିଲେ ତାଙ୍କର ଜୀବନ ଧାରଣର ମାନ ବଢିବା ସହ ତାଙ୍କର ସର୍ବାଙ୍ଗିନ ବିକାଶ ହେବ ବୋଲି କହିଥିଲେ । ସମ୍ମିଳନୀରେ ଭିଲେଜର୍ସ ଇଣ୍ଡିଆ ପାର୍ଟିର ସଭାପତି ବିପିନ କୁଶଲିଆ ନିଜ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ଯୋଗଦାନ କରି ନିଜ ଦଳକୁ ମଧ ଏହି ଦଳରେ ସାମିଲ କରିଦେଇଥିଲେ । ଅନ୍ୟମାନଙ୍କ ମଧରେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, ଆଗଲପୁର ବ୍ଲକ ଅଧକ୍ଷ ମୋହନ ପଟେଲ, ବିପିନ ପଟେଲ, ସୁକୃ ମହାନନ୍ଦ, ବାସୁଦେବ ମୁଗ୍ରୀ, ବାଲି ଚରଣ ବାରିକ, ଶ୍ରୀଧର ବାରିକ ପ୍ରମୁଖ ସରକାରଙ୍କ ଦଳିତ ବିରୋଧି ମନୋଭାବର ତୀବ୍ର ସମାଲୋଚନା କରିଥିଲେ ।

# ମୁରିବାହାଲ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



ମୁରିବାହାଲ,(ସବ୍ୟୁ): ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ସ୍ୱରୂପ ମୁରିବାହାଲ ବ୍ଲକ ସଦର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ଧନୁଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ସଦର ପଞ୍ଚାୟତ ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ବିଶ୍ୱବିହାରୀ ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ,ସମାଜସେବୀ ଡ. ଅମଜାଦ ଖାଁ, କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ଅଜୟ ଦାସ,ସଦର ସମିତି ସଭ୍ୟ ଚକ୍ରଧର ହେର୍ଣା,ପତ୍ରାପାଲି(କ) ସମିତି ସଭ୍ୟ ସନ୍ୟାସୀ ପୁଟେଲ,ବ୍ଲକ ଯୋଗାଣ ନୀରିକ୍ଷକ ତଥା ନୋଡାଲ ଅଧିକାରୀ ଅବିନାଶ ବିଶି, ଜିଲ୍ଲା ମହିଳା ମହାସଂଘ ସଭାନେତ୍ରୀ ଆରତୀ କର,ବ୍ଲକ ବିଜେଡ଼ି ସଭାପତି ମିନିକେତନ ପାତ୍ର,ପଞ୍ଚାୟତ ପିଇଓ ପ୍ରକାଶ କୁମାର ପନିକା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରକାରର ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ବ୍ଲକ ଅଧକ୍ଷ ଶ୍ରୀ ମେହେର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ପରେ ଆମ ଓଡିଶା ନବୀନ ଓଡିଶାରେ ମୁରିବାହାଲ ପଞ୍ଚାୟତକୁ ଆସିଥିବା ଅନୁଦାନ ଘୋଷଣା କରିଥିଲେ। ଏହାପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ମୁରିବାହାଲ ବିକାଶ ମଞ୍ଚ ସଭାପତି ଫାଲଗୁନି ହାତୀ ସଭା ପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା, ଜିଆରଏସ ରାଜେଶ ପୁଟେଲ, ଯୋଗାଣ ସହାୟକ ଅଜନ୍ତୁଲା ବନଛୋର, ଜିଓ ଟେଗ ଯେମନ୍ତ ବେନିଆଁ, ସମସ୍ତ ସିଆରପି, ଏମବିକେ, ମହିଳା ଏସଏଚଜି ସଦସ୍ୟାଙ୍କ ସହ ପଞ୍ଚାୟତର ବିଭିନ୍ନ ଗ୍ରାମର ଜନସାଧାରଣ ଉପସ୍ଥିତ ଥିଲେ।

